# NATIONAL NEWS BULLETIN (ODIA)

## 4 September - 2025

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ଜି.ଏସ୍.ଟି. ପରିଷଦର ୫୬ତମ ବୈଠକରେ ଅନେକ ସାମଗ୍ରୀ ଉପରେ ସାମଗ୍ରୀ ଓ ସେବାକର ହ୍ରାସ କଲେ ସରକାର ।

– ଜି.ଏସ୍.ଟି.ର ୪ଟି ସ୍ଲାବ୍‌କୁ ହ୍ରାସ କରାଯାଇ କରାଗଲା ଦୁଇଟି ସ୍ଲାବ୍ ।

– କେତେକ ଜୀବନ ରକ୍ଷାକାରୀ ଔଷଧ ଉପରେ ଜି.ଏସ୍.ଟି. ହାର ଶୂନ୍ ପ୍ରତିଶତକୁ ହ୍ରାସ ।

- ଜି.ଏସ୍.ଟି.ର ପରବର୍ତ୍ତି ପିଢ଼ିର ସଂସ୍କାରକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଆଜି ପଞ୍ଜାବ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ।

ଏବଂ

- ଏସିଆ କପ୍ ହକି ପ୍ରତିଯୋଗିତାରେ ଭାରତ ଓ କୋରିଆ ମଧ୍ୟରେ ଅନୁଷ୍ଠିତ ସୁପର୍ ଫୋର୍ ପର୍ଯ୍ୟାୟ ମ୍ୟାଚ୍ ୨-୨ରେ ରହିଲା ଅମିମାଂଶିତ ।

## ସୀତାରମଣ-ଜିଏସ୍‌ଟି ରିଫର୍ମ

ଜି.ଏସ୍.ଟି. ପରିଷଦ ୫୬ତମ ବୈଠକରେ ଗତକାଲି ବିଭିନ୍ନ ସାମଗ୍ରୀ ଉପରେ ଟିକସ ହାର ହ୍ରାସ କରିଛି । ସାଧାରଣ ଲୋକ, ଶ୍ରମ କୈନ୍ଦ୍ରୀକ ଶିଳ୍ପ, କୃଷକ ଏବଂ କୃଷି, ସ୍ୱାସ୍ଥ୍ୟ ଏବଂ ଅର୍ଥନୀତିର ପ୍ରମୁଖ ବିଷୟଗୁଡ଼ିକୁ ଧ୍ୟାନ ଦେଇ ଜି.ଏସ୍.ଟି. ପରିଷଦ ଟିକସ ହାରକୁ ହ୍ରାସ କରିଛି । ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ସାଧାରଣ ଲୋକ ଏବଂ ମଧ୍ୟବିତ୍ତ ଶ୍ରେଣୀର ସାମଗ୍ରୀ ଉପରେ ସାମଗ୍ରୀ ଓ ସେବା କର ୧୮ ପ୍ରତିଶତ ଓ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଜି.ଏସ୍.ଟି. ପରିଷଦ ସମସ୍ତ ବ୍ୟକ୍ତିଗତ ଜୀବନବୀମା ପଲିସି ଯେଭଳିକି ଟର୍ମ ଲାଇଫ୍, ୟୁଲିପ୍, ଏଣ୍ଡାଉମେଣ୍ଟ ପଲିସି, ବ୍ୟକ୍ତିଗତ ସ୍ୱାସ୍ଥ୍ୟବୀମା ପଲିସି, ବରିଷ୍ଠ ନାଗରିକଙ୍କ ପାଇଁ ପଲିସି ଏବଂ ପୁନଃ ବୀମା କ୍ଷେତ୍ରରେ ଜି.ଏସ୍.ଟି. ଛାଡ଼ କରିଛି । ଏହି ସମସ୍ତ ପରିବର୍ତ୍ତନ ଚଳିତ ମାସ ୨୨ ତାରିଖ ମଧ୍ୟ ରାତ୍ରିରୁ କାର୍ଯ୍ୟକାରୀ ହେବ ।

ଶ୍ରୀମତୀ ସୀତାରମଣ କହିଛନ୍ତି, ଏହି ପଦକ୍ଷେପ ସାଧାରଣ ଲୋକଙ୍କ ପାଇଁ ବୀମାକୁ ସୁଲଭ କରିବା ସହ ଦେଶରେ ବୀମା କଭରେଜ୍ ବୃଦ୍ଧି କରିବ । ଜି.ଏସ୍.ଟି. ପରିଷଦ ବୈଠକରେ ପୂର୍ବରୁ ଥିବା ୪ଟି ସ୍ଲାବ୍‌କୁ ୨ଟି ସ୍ଲାବ କରାଯିବ ।

ଅର୍ଥମନ୍ତ୍ରୀ କହିଛନ୍ତି, ୩୩ଟି ଜୀବନ ରକ୍ଷାକାରୀ ଔଷଧ ଉପରେ ଜି.ଏସ୍.ଟି. ୧୨ ପ୍ରତିଶତରୁ ଶୂନ୍ୟ ପ୍ରତିଶତକୁ ହ୍ରାସ କରାଯାଇଥିବା ବେଳେ କର୍କଟ, ବୀରଳ ରୋଗ ଏବଂ ଅନ୍ୟ ଦୀର୍ଘକାଳୀନ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଔଷଧ ଉପରେ ଜି.ଏସ୍.ଟି. ହାର ୫ ପ୍ରତିଶତରୁ ଶୂନ୍ୟ ପ୍ରତିଶତ କରାଯାଇଛି । ଅନ୍ୟ ସମସ୍ତ ଔଷଧ ଉପରେ ଜି.ଏସ୍.ଟି. ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ସେହିପରି ଶଲ୍ୟ ଚିକିତ୍ସା, ଦନ୍ତ ଚିକିତ୍ସା ଏବଂ ପଶୁମାନଙ୍କ ପାଇଁ ଚିକିତ୍ସା ଏବଂ କେତେକ ପରୀକ୍ଷା କ୍ଷେତ୍ରରେ ଜି.ଏସ୍.ଟି. ହାର ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି ।

ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି, କେଶ ତୈଳ, ଟଏଲେଟ୍ ସାବୁନ୍, ସାବୁନ୍ ବାର୍, ସାମ୍ପୁ, ଟୁଥ୍‌ପେଷ୍ଟ, ସାଇକେଲ୍, ଟେବୁଲ୍‌ୱେର୍, ରୋଷେଇ ଘରକରଣା ସାମଗ୍ରୀ ଏବଂ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ଉପରେ ଜି.ଏସ୍.ଟି. ହାର କେବଳ ୫ ପ୍ରତିଶତ ରହିବ । ସେହିପରି ଅତ୍ୟଧିକ ତାପମାତ୍ରାରେ ପ୍ରସ୍ତୁତ କ୍ଷୀର, ଛେନା ଏବଂ ପନିର୍ ଉପରେ ଜି.ଏସ୍.ଟି.

ହାର ୫ ପ୍ରତିଶତରୁ ଶୂନ୍ୟକୁ ହ୍ରାସ କରାଯାଇଥିବା ବେଳେ ପ୍ରତ୍ୟେକ ଭାରତୀୟ ରୁଟି ଉପରେ କୌଣସି ଜି.ଏସ୍.ଟି. ହାର ପଡ଼ିବ ନାହିଁ । ନମ୍‌କିନ୍, ଭୁଜିଆ, ସସ୍, ପାସ୍ତା, ଚକୋଲେଟ୍, କଫି, ସଂରକ୍ଷିତ ମାଂସ, କର୍ଣ୍ଣଫ୍ଲେକ୍ସ, ବଟର ଏବଂ ଘିଅ ଭଳି ସାମଗ୍ରୀ ଉପରେ ଜି.ଏସ୍.ଟି. ହାର ୧୨ ଓ ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି ।

ସେ କହିଛନ୍ତି, ଏୟାର୍ କଣ୍ଡିସନିଂ ମେସିନ୍, ୩୨ ଇଞ୍ଚରୁ ଅଧିକ ଟେଲିଭିଜନ୍, ବାସନମଜା ମେସିନ୍, ଛୋଟ କାର୍ ଏବଂ ମୋଟର ସାଇକେଲ୍ ଉପରେ ଜି.ଏସ୍.ଟି. ହାର ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି ।

ସେ କହିଛନ୍ତି, ସମସ୍ତ କୃଷି ଉପକରଣ ଉପରେ ଜି.ଏସ୍.ଟି. ୧୫ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି ।

ଗତକାଲି ଅନୁଷ୍ଠିତ ଜି.ଏସ୍.ଟି. ପରିଷଦ ବୈଠକରେ କେନ୍ଦ୍ର ଅର୍ଥ ରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧୁରୀ ଦିଲ୍ଲୀ, ଗୋଆ, ହରିଆଣା, ଜାମ୍ମୁ ଏବଂ କାଶ୍ମୀର, ମେଘାଳୟ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ । ସେହିପରି ଅରୁଣାଚଳ ପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ତେଲଙ୍ଗାନାର ଉପମୁଖ୍ୟମନ୍ତ୍ରୀ, ମଣିପୁର ରାଜ୍ୟପାଳ ଏବଂ ଅନେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀମାନେ ମଧ୍ୟ ବୈଠକରେ ଅଂଶଗ୍ରହଣ କରିଥିଲେ ।

# ପିଏମ୍-ଜିଏସ୍ଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ’ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଜି.ଏସ୍.ଟି.ର ପରବର୍ତ୍ତି ପିଢ଼ିର ସଂସ୍କାରକୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ସରକାରଙ୍କ ଜି.ଏସ୍.ଟି. ହାର ହ୍ରାସ ନିଷ୍ପତ୍ତି ସାଧାରଣ ଲୋକ, ଚାଷୀ, ଏମ୍.ଏସ୍.ଏମ୍.ଇ., ମଧ୍ୟବିତ୍ତ ବର୍ଗ, ମହିଳା ଏବଂ ଯୁବକମାନଙ୍କୁ ଲାଭଦେବ । ସେ କହିଛନ୍ତି, ସରକାର ଲୋକମାନଙ୍କ ଜୀବନଧାରଣରେ ସହଜତା ପାଇଁ ଜି.ଏସ୍.ଟି. ହାରକୁ ଯୁକ୍ତିଯୁକ୍ତ କରିଛନ୍ତି । ଏହି ସଂସ୍କାର ଗୁଡ଼ିକ ବିଶେଷ କରି କ୍ଷୁଦ୍ର ବ୍ୟବସାୟୀ ଏବଂ ବ୍ୟବସାୟ ପାଇଁ ସହଜତା ସୁନିଶ୍ଚିତ କରିବ ।

ପ୍ରଧାନମନ୍ତ୍ରୀ ମୋଦୀ ଗତ ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ଜି.ଏସ୍.ଟି.ରେ ପରବର୍ତ୍ତି ପିଢ଼ିର ସଂସ୍କାର ଆଣିବା ପାଇଁ ସରକାରଙ୍କ ଉଦ୍ଦେଶ୍ୟ ବିଷୟରେ କହିଥିଲେ ।

**V/O-PM Diwali GST**

## ମୁରୁଗାନ-ଜିଏସ୍‌ଟି

କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୭୯ତମ ସ୍ୱାଧୀନତା ଦିବସରେ ଜି.ଏସ୍.ଟି.ରେ ପରବର୍ତ୍ତି ପିଢ଼ିର ସଂସ୍କାର ବିଷୟ କହିଥିଲେ । ଶ୍ରୀ ମୋଦୀ ଦୀପାବଳି ପର୍ବ ପୂର୍ବରୁ ଦେଶବାସୀଙ୍କୁ ଉପହାର ଦେବେ ବୋଲି ଯେଉଁ ଘୋଷଣା କରିଥିଲେ ତାହା ଏବେ ବାସ୍ତବତାରେ ପରିଣତ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ମୁରୁଗାନ କହିଛନ୍ତି, ଜି.ଏସ୍.ଟି. ସଂସ୍କାର କେବଳ ଯୁକ୍ତିଯୁକ୍ତ କରିବା ବିଷୟରେ ନୁହେଁ ବରଂ ଜୀବନଯାପନର ସହଜତା ଓ ବ୍ୟବସାୟର ସହଜତା ବିଷୟରେ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରିଛି ।

## ଫାର୍ମା-ଜିଏସ୍‌ଟି ରିଆକସନ୍

ଜି.ଏସ୍.ଟି. ପରିଷଦ ବୈଠକରେ କେତେକ ଜୀବନ ରକ୍ଷାକାରୀ ଔଷଧ ଉପରେ ଟିକସ ହାର ହ୍ରାସ କରାଯିବା ବିଷୟକୁ ଔଷଧ ଶିଳ୍ପର ବିଶେଷଜ୍ଞମାନେ ସ୍ୱାଗତ କରିଛନ୍ତି । ଔଷଧ ଶିଳ୍ପ ପକ୍ଷରୁ କୁହାଯାଇଛି, ଏହି ପ୍ରକାର ସଂସ୍କାର ଜୀବନ ରକ୍ଷାକାରୀ ଔଷଧର ସୁଲଭତା ବୃଦ୍ଧି କରିବା ସହ ଜନସ୍ୱାସ୍ଥ୍ୟ ଦିଗରେ ଏକ ବଡ଼ ପଦକ୍ଷେପ । ଜି.ଏସ୍.ଟି.ରେ କରାଯାଇଥିବା

ସଂଶୋଧନ ଅନୁଯାୟୀ ଜୀବନ ରକ୍ଷାକାରୀ ଔଷଧ, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଉତ୍ପାଦ ଏବଂ କେତେକ ଚିକିତ୍ସା ଉପକରଣ ଉପରେ ଜି.ଏସ୍.ଟି. ହାର ୧୨ ଓ ୧୮ ପ୍ରତିଶତରୁ ୫ ପ୍ରତିଶତ ଓ ଶୂନ୍ୟକୁ ହ୍ରାସ କରାଯାଇଛି । ଭାରତୀୟ ଔଷଧୀ ଶିଳ୍ପ ମେଣ୍ଟର ମହାସଚିବ ସୁଦର୍ଶନ ଜୈନ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ପରବର୍ତ୍ତି ପିଢ଼ିର ଜି.ଏସ୍.ଟି. ସଂସ୍କାର ସମୟୋପଯୋଗୀ ଏବଂ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଜନସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରିବା ପାଇଁ ଚିକିତ୍ସା ସମ୍ବନ୍ଧୀୟ ଉପକରଣ ଓ ଔଷଧ ଉପରେ ଟିକସ ହ୍ରାସ ଘରୋଇ ଉତ୍ପାଦନକୁ ମଜବୁତ କରିବା ସହ ବିଶ୍ୱର ଔଷଧ ଶିଳ୍ପ ଭାବେ ଭାରତର ସ୍ଥିତିକୁ ସୁଦୃଢ଼ କରିବ ।

ଭାରତୀୟ ଚିକିତ୍ସା ଉପକରଣ ଶିଳ୍ପ ସଂଘ ମଧ୍ୟ ସରକାରଙ୍କ ଦ୍ୱାରା ଜି.ଏସ୍.ଟି. ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରିବା ପଦକ୍ଷେପକୁ ସ୍ୱାଗତ କରିଛି । ସଂଘର ସଂଯୋଜକ ରାଜୀବନାଥ କହିଛନ୍ତି, ଯଦି ସୂଚନା ଅନୁଯାୟୀ ଜି.ଏସ୍.ଟି. ଉପରେ ଅମେଳ ଥିବା ଅର୍ଥ ୭ ଦିନ ମଧ୍ୟରେ ଫେରସ୍ତ କରାଯିବ, ସେ କ୍ଷେତ୍ରରେ ଅଷ୍ଟ୍ରେଲିଆ, ସିଙ୍ଗାପୁର ଏବଂ କାନାଡ଼ା ଦେଶ ଭଳି ସେବା ଏବଂ ପୁଞ୍ଜିଗତ ସାମଗ୍ରୀ ଉପରେ ଜି.ଏସ୍.ଟି. ଫେରସ୍ତ ଉପଲବ୍ଧ ହେବ, ଯାହାଦ୍ୱାରା ଭାରତୀୟ ଔଷଧ କ୍ଷେତ୍ର ବିଶ୍ୱସ୍ତରୀୟ ପ୍ରତିଯୋଗିତା କରିପାରିବ ।

## ନାଇଡୁ-ଜିଏସ୍‌ଟି ରିଆକ୍‌ସନ୍‌

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଜି.ଏସ୍.ଟି. ପରିଷଦ ଦ୍ୱାରା ଅନୁମୋଦିତ ସାମଗ୍ରୀ ଓ ସେବା ଟିକସ ସଂସ୍କାରକୁ ହିତକାରୀ ଏବଂ ଅଭିବୃଦ୍ଧି ସମ୍ପନ୍ନ ବୋଲି ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ତେଲୁଗୁଦେଶମ୍ ପାର୍ଟି ଅଧ୍ୟକ୍ଷ ଜି.ଏସ୍.ଟି. ସଂସ୍କାରକୁ ସ୍ୱାଗତ କରିବା ସହ ଦୈନନ୍ଦିନ ଜୀବନରେ ଅତ୍ୟାବଶ୍ୟକ ସାମଗ୍ରୀ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ କୃଷି କ୍ଷେତ୍ରରେ ସଂଶୋଧିତ ଟିକସ ବ୍ୟବସ୍ଥା ଦେଶର ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି କହିଛନ୍ତି । ଶ୍ରୀ ନାଇଡୁ କହିଛନ୍ତି, କୃଷକଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ ପର୍ଯ୍ୟନ୍ତ ସମାଜର ସମସ୍ତ ବର୍ଗକୁ ଏହି ଜି.ଏସ୍.ଟି. ସଂସ୍କାର ଲାଭ ଦେବ । ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ପଞ୍ଜାବ-ଶିବରାଜ ସିଂହ ଚୌହାନ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ପଞ୍ଜାବର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ପଞ୍ଜାବ ଗସ୍ତ କାଳରେ ଶ୍ରୀ ଚୌହାନ ବନ୍ୟାରେ ସବୁଠାରୁ ଅଧିକ

ପ୍ରଭାବିତ ହୋଇଥିବା ଅମୃତଶର, ଗୁରୁଦାସପୁର ଏବଂ କପୁରତାଲା ଅଞ୍ଚଳ ପରିଦର୍ଶନ କରି ପ୍ରଭାବିତ ଲୋକମାନଙ୍କ ସହ ଆଲୋଚନା କରିବେ । ପ୍ରଭାବିତ ଅଞ୍ଚଳ ପରିଦର୍ଶନ ପରେ ମନ୍ତ୍ରୀ ଶ୍ରୀ ଚୌହାନ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଉଚ୍ଚ ପଦସ୍ତ ଅଧିକାରୀମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ କରିବେ । ଶ୍ରୀ ଚୌହାନ କହିଛନ୍ତି, ଏଭଳି ସଂକଟମୟ ପରିସ୍ଥିତିରେ କେନ୍ଦ୍ର ସରକାର ପଞ୍ଜାବର ପ୍ରଭାବିତ ଲୋକମାନଙ୍କୁ ସମସ୍ତ ସହାୟତା ଯୋଗାଇଦେବେ ।

**V/O-Shivraj Singh**

# ପ୍ରଧାନ-ଅଙ୍ଗନବାଡ଼ି

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକୁ ନିକଟସ୍ଥ ବିଦ୍ୟାଳୟ ସହ ସଂଯୁକ୍ତ କରିବା ସମ୍ପର୍କିତ ନିର୍ଦ୍ଦେଶାବଳୀ ଉନ୍ମୋଚନ କରିଛନ୍ତି । କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଏହି ପଦକ୍ଷେପ ପ୍ରତ୍ୟେକ ମା' ଏବଂ ଶିଶୁଙ୍କ ପାଇଁ ସମ୍ପୂର୍ଣ୍ଣ ଯତ୍ନ ସୁନିଶ୍ଚିତ କରିବ ଓ ଜାତୀୟ ଶିକ୍ଷାନୀତି ୨୦୨୦ ସହିତ ଶିକ୍ଷାର ମୂଳଦୁଆକୁ ମଜବୁତ କରିବ । ଶ୍ରୀ ପ୍ରଧାନ ଶିଶୁ ଜୀବନରେ ପ୍ରଥମ ଶିକ୍ଷକ ଭାବରେ ଅଙ୍ଗନବାଡ଼ି କର୍ମୀଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ।

ସେ କହିଥିଲେ, ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ ଅଙ୍ଗନବାଡ଼ିରୁ ବିଦ୍ୟାଳୟକୁ ପିଲାମାନଙ୍କ ସହଜ ସ୍ଥାନାନ୍ତର, ଉନ୍ନତ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାର ଓ ପ୍ରାଥମିକ ଶିକ୍ଷାରେ ବିକାଶ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବ । ଆସନ୍ତା ୩ ବର୍ଷ ମଧ୍ୟରେ ସାରା ଦେଶରେ ପ୍ରାୟ ୨ଲକ୍ଷ ସ୍କୁଲ୍‌କୁ ଇଣ୍ଟରନେଟ୍ ବ୍ରଡ୍‌ବ୍ୟାଣ୍ଡ ସହିତ ସଂଯୋଗ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## ଏସିଆକପ୍ ରେଜଲ୍ଟ

ବିହାରର ରାଜଗିରି ସ୍ପୋର୍ଟସ୍ କମ୍ପ୍ଲେକ୍ସ ଷ୍ଟାଡିୟମ୍‌ରେ ଭାରତ ଏବଂ କୋରିଆ ମଧ୍ୟରେ ଗତକାଲି ଅନୁଷ୍ଠିତ ଏସିଆକପ୍ ହକି ପ୍ରତିଯୋଗିତାର ଦ୍ୱିତୀୟ ସୁପର୍ ଫୋର୍ ପର୍ଯ୍ୟାୟ ମ୍ୟାଚ୍ ୨-୨ ଗୋଲ୍‌ରେ ଅମିମାଂଶିତ ରହିଥିଲା । ଖେଳର ପ୍ରଥମାର୍ଦ୍ଧରେ ଭାରତ ୧-୦ରେ ଅଗ୍ରଣୀ ଥିବାବେଳେ କୋରିଆ ପେନାଲ୍ଟି ଷ୍ଟ୍ରୋକ୍ ଏବଂ ପେନାଲ୍ଟି କର୍ଣ୍ଣରକୁ ସଫଳତାର ସହ ଗୋଲ୍‌ରେ ପରିଣତ କରିଥିଲା । ପରେ ଭାରତର ମନ୍‌ଦୀପ ସିଂହ ଏକ ଗୋଲ୍ ସ୍କୋର କରି ମ୍ୟାଚ୍‌କୁ ୨-୨ରେ ସମାନ କରିଥିଲେ । ଭାରତ ପରବର୍ତ୍ତି ସୁପର ଫୋର୍ ପର୍ଯ୍ୟାୟରେ ଆଜି ସନ୍ଧ୍ୟା ୭ଟା ୩୦ରେ ମାଲେସିଆ ସହ ମୁକାବିଲା କରିବ ।

# ୱାର୍ଲ୍ଡ ବକ୍ସିଂ ଚାମ୍ପିୟନ୍‌ସିପ୍

ଇଂଲଣ୍ଡର ଲିଭରପୁଲ୍‌ରେ ଆଜିଠାରୁ ବିଶ୍ୱ ବକ୍ସିଂ ଚାମ୍ପିୟନ୍‌ସିପ୍ ଆରମ୍ଭ ହେବ । ଚାମ୍ପିୟନ୍‌ସିପ୍‌ର ଉଦ୍‌ଘାଟନୀ ସଂସ୍କରଣରେ ଭାରତର ୨୦ ସଦସ୍ୟ ବିଶିଷ୍ଟ ଦଳ ସାମିଲ ହେବେ । ଦୁଇଥରର ବିଶ୍ୱ ଚାମ୍ପିୟନ୍ ନିଖତ ଜରିନ୍ ଏବଂ ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟୀ ଲଭ୍‌ଲିନା ବୋରଗୋହିନ ମଧ୍ୟ ଏଥିରେ ଭାଗ ନେବେ । ଜୁଲାଇ ମାସରେ ଅନୁଷ୍ଠିତ ବିଶ୍ୱକପ୍‌ରେ ରୌପ୍ୟ ପଦକ ଜିତିଥିବା ଦୁଇଥରର ଏସୀୟ ଚାମ୍ପିୟନ୍ ପୂଜା ରାଣୀ ମହିଳା ଦଳରେ ସାମିଲ ହୋଇଛନ୍ତି । ଭାରତୀୟ ପୁରୁଷ ବକ୍ସିଂ ଦଳର ନେତୃତ୍ୱ ସୁମିତ କୁଣ୍ଡୁ ନେଉଥିବା ବେଳେ ଦଳରେ ବିଶ୍ୱ ଯୁବ ଚମ୍ପିୟାନ୍ ସଚିନ୍ ସିୱାଚ୍ ଏବଂ ହର୍ଷ ଚୌଧୁରୀ ସାମିଲ ହୋଇଛନ୍ତି । ସେମାନଙ୍କ ସହିତ ଯଦୁମଣୀ ସିଂହ ମାଣ୍ଡେନ୍‌ଗମ୍, ହିତେଶ ଗୁଲିଆ ଏବଂ ଅଭିନାଶ ଯମୱାଲ ମଧ୍ୟ ଦଳରେ ରହିଛନ୍ତି । ବିଶ୍ୱ ବକ୍ସିଂ ଚାମ୍ପିୟନ୍‌ସିପ୍ ନକ୍‌ଆଉଟ୍ ଫର୍ମାଟ୍‌ରେ ଖେଳାଯିବ ।